# Akashvani, Sambalpur

# SAMBALPURI NEWS BULLETIN

## 1 December 2024- 6.47- 6.52 am.

**********************************************

ଡିଜିପି ସମ୍ମିଳନୀ-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍‌ ନ ଚାଲିଥିବା ୩ ଦିନିଆ ପୁଲିସ୍‌ ମହାନିର୍ଦ୍ଦେଶକ୍‌ ଆର୍‌ ଆଇ.ଜି. ସମ୍ମିଳନୀ ଆଏଜ୍‌ ଉଦ୍‌ଯାପିତ ହେଉଛେ । ଶେଷ୍‌ ଦିନେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମିଳନୀଥି ଉପସ୍ଥିତ୍‌ ରହିକରି ସୁରକ୍ଷା ବାବ୍‌ଦେ ଭିନ୍‌ ଭିନ୍‌ ଦିଗ୍‌କେ ନେଇକରି ଆଲୋଚନା କର୍‌ବେ । କାର୍ଯ୍ୟକ୍ରମ୍‌ ସର୍‌ବାର୍‌ ଉତ୍‌ରୁ ଉପର୍‌ବେଲା ସାଢ଼େ ୪ ବଜେ ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ନୂଆଦିଲ୍ଲୀ ଫିର୍‌ବାର୍‌ କାର୍ଯ୍ୟସୂଚୀ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ଗଲାକାଏଲ୍‌ ସମ୍ମିଳନୀଥି ଯୋଗ୍‌ ଦେଇକରି ବରିଷ୍ଠ ପୁଲିସ୍‌ ଅଧିକାରୀଙ୍କର୍‌ ଆଲୋଚନା ଶୁନ୍‌ବାର୍‌ ସହେତେ ଭିନ୍‌ ଭିନ୍‌ ପ୍ରସଙ୍ଗ୍‌ ଉପ୍‌ରେ ପରାମର୍ଶ ଦେଇଥିଲେ । ଇତାର୍‌ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ସାମାଜିକ୍‌ ଗଣମାଧ୍ୟମ୍‌ଥି କହିଛନ୍‌ ଯେ, ଡିଜିପି ସମ୍ମିଳନୀଥି ଦେଶର୍‌ ସୁରକ୍ଷା

ବାବ୍‌ଦେ ଭିନ୍ ଭିନ୍ ଦିଗେ ଆଲୋଚନା ହେଇଛେ । ଇ ଆଲୋଚନା ବେଶ୍ ଉତ୍ସାହଜନକ୍ ଥିଲା ।

ଇକୋ ରିଟ୍ରିଟ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ହୀରାକୁଦ୍ ସହେତେ ଭିତର୍‌କନିକା, ସାତକୋଶିଆ, ଦାରିଙ୍ଗ୍‌ବାଡ଼ି, ସୋନାପୁର୍ ଆରଖ ପୁତସିଲ ନ ଇକୋ ରିଟ୍ରିଟ୍ ର ଶୁଭାରମ୍ଭ କର୍‌ବେ । ଇ ଜାଗା ମାନ୍‌କେ ପର୍ଯ୍ୟଟକ୍‌ମାନେ ପ୍ରାକୃତିକ ସୌନ୍ଦର୍ଯ୍ୟକେ ଉପଭୋଗ୍ କର୍‌ବାର୍ ସହେତେ ଭିନ୍ ଭିନ୍ ପ୍ରକାର୍‌ର ଖାଏବାର୍ ଦରବ୍ ପାଇପାର୍‌ବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଆ ଭାଷା ଆଉ ସଭ୍ୟତାକେ ବଂଚାବାର୍‌କେ ପଡ଼୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ମାହାଙ୍ଗା ବିକାଶ୍ ପରିଷଦ୍ ତର୍‌ଫୁ ଭୁବ୍‌ନେଶ୍ୱର୍‌ର ରବୀନ୍ଦ୍ର ମଣ୍ଡପ୍ ନ ଗଣକବି ବୈଷ୍ଣବ ପାଣିଙ୍କର୍ ଶହେ ୪୨ ନମ୍ବର୍ ଜୟନ୍ତୀ ଅବ୍‌ସରେ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ,

ଗୁଟେ କୃତଜ୍ଞ ସମାଜ୍ ନିଜର୍ ଜାତିର ମହାପୁରୁଷଙ୍କୁ କେଭେ ନାଇଁ ଭୁଲେ । ଗଣକବିଙ୍କର୍ ଅମଳିନ ସାରସ୍ୱତ କିର୍ତିକେ ଫି ଓଡ଼ିଆ ଜାନ୍‌ବାର୍ ଦର୍‌କାର୍ ବଲି ଶ୍ରୀ ପ୍ରଧାନ୍ କହିଥିଲେ । ଇ ଅବ୍‌ସରେ ଗଣକବିଙ୍କର୍ ଓଡ଼ିଆ ଆର୍ ଇଂଲିଶ୍‌ଥି ଅନୁବାଦ୍ ହେଇଥିବା ବହି ଉନ୍ମୋଚନ୍ କରାଯାଇଥିଲା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ  ଆର୍‌ଏନ୍‌ୟୁ /ସମ୍ବଲପୁର

ବିଧାନ୍‌ସଭାର୍ ଅଧିବେଶନ୍ ଇ ମାସର୍ ଶେଷ୍‌ତକ୍ ହେବାର୍‌କେ ଥିବାର୍‌ନୁ ଇ ମାସର ସୋମ୍‌ବାର୍ ମାନ୍‌କେ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍‌ଦେ ଲୁକ୍‌କୁ ଜନାବାର୍ ଲାଗି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସମ୍ବାଦ୍‌ପତ୍ର ଜରିଏ ପରବର୍ତୀ ଶୁଣାଣି ତାରିଖ୍ ଲୁକ୍‌କୁ ଜନେଇ ଦିଆଯିବା ବଲି କୁହାଯାଇଛେ ।

ମୁଖ୍ୟ ଶାସନ୍ ସଚିବ  ସମୀକ୍ଷା       ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ନୁ ରାଏଜେ ଇଂଟିଗ୍ରେଟେଡ୍ ଗଭ୍‌ମେଂଟ୍ ଅନ୍‌ଲାଇନ୍ ଟ୍ରେନିଂ - ଆଇଜିଓଟି ପ୍ଲାଟଫର୍ମଥି ତାଲିମ୍ କାର୍ଯ୍ୟକ୍ରମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ଗଲା ମାସ ଶେଷ୍‌ତକ୍ ରାଜ୍ୟ ସର୍‌କାର୍‌ଙ୍କର୍ ପାଖାପାଖି ୫୦ ହଜାର୍ କର୍ମଚାରୀ ଆର୍ ସବୁ ବିଭାଗ୍ ଆଇଜିଓଟି ପ୍ଲାଟ୍‌ଫର୍ମଥି ସାମିଲ୍ ହେଇଥିବା ଜନାପଡ଼ିଛେ । ଗଲା ଅକ୍ଟୋବର୍ ମାସେ ରାଜ୍ୟ ସର୍‌କାର୍ ଦକ୍ଷତା ବିକାଶ୍ ଆୟୋଗ୍ ଆର୍ କର୍ମଯୋଗୀ ଭାରତ୍ ଭିତ୍‌ରେ ବୁଝାମଣା ସ୍ୱାକ୍ଷରିତ୍ ହେବାର୍ ଉତ୍‌ରୁ ଗୋପବନ୍ଧୁ ପ୍ରଶାସନିକ୍ ଏକାଡେମୀ ନୋଡ଼ାଲ୍ ଏଜେନ୍ସି ଭାବେ ସବୁ ବିଭାଗ୍‌ର ଅଧିକାରୀମାନ୍‌କର୍ ଲାଗି କର୍ମଶାଳା ଆୟୋଜନ୍ କରିଥିଲା । ମୁଖ୍ୟ ଶାସନ୍ ସଚିବ କାର୍ଯ୍ୟକ୍ରମ୍ ତୁର୍‌ତି ହେଇଥିବା ଆଉ ଇତାର୍ ବ୍ୟାପକତା ଉପ୍‌ରେ ସନ୍ତୋଷ୍ ପ୍ରକାଶ୍ କର୍‌ବାର୍ ସହେତେ ଫିଂ’ ଅଧିକାରୀଙ୍କୁ ଇ ବ୍ୟବସ୍ଥା ଜରିଏ ବାଧ୍ୟତାମୂଳକ୍ ତାଲିମ୍ ଦେବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ଧାନ୍ ଘିନା ଅଭିଯୋଗ୍ ସମାଧାନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍‌କାର୍ ପଞ୍ଜିକୃତ ଚାଷୀମାନ୍‌କର୍ ଧାନ୍ ଘିନାକେ ନେଇକରି ଭିନ୍ ଭିନ୍ ଅଭିଯୋଗ୍‌ର ଜଲ୍‌ଦି ସମାଧାନ୍ ଲାଗି ସବୁ ଜିଲ୍ଲା ନ ନୋଡ଼ାଲ୍ ଅଧିକାରୀମାନ୍‌କୁ ନିଯୁକ୍ତି ଦେଇଛନ୍ । ଅଧିକାରୀମାନେ  ଅଭିଯୋଗ୍‌କେ ଭିତି କରିକରି ଇଟାକେ ଯାଂଚ୍ କର୍‌ବାର୍ ସହେତେ ସମାଧାନ୍ ଲାଗି ଜଲ୍‌ଦି ପଦକ୍ଷେପ୍ ନେଉଛନ୍ । ଇତାର୍‌ଛଡ଼ା ସେମାନେ ଅଭିଯୋଗ୍ ପୋର୍ଟାଲ୍‌ନୁ ମିଲିଥିବା ସୂଚନାକେ ଭିଲ୍ ଯାଂଚ୍ କରିକରି ଦର୍‌କାରୀ ପଦକ୍ଷେପ୍ ନେଉଛନ୍ । ଚାଷୀମାନେ ଘରେ ବସିକରି ସେମାନ୍‌କୁ ଟୋକନ୍ ନମ୍ବର୍ ସର୍ବନିମ୍ନ ସହାୟତା ମୂଲ୍ୟ ପାଏବାର୍ ବିଷେ ଜାନିପାର୍‌ବେ । ଇତାର୍‌ସହେତେ ଇଂଟରରେକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ ଭିଲ୍ କାମ୍ କରୁଛେ । କେନ୍‌ସି ଅଭିଯୋଗ୍ ଥିଲେ ଚାଷୀମାନେ ୧୯୬୭ କେ ସିଧାସଲଖ୍ ଯୋଗାଯୋଗ୍ କରିପାରୁଛନ୍ ।

ସେତୁ ସହ ବନ୍ଧରା          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ଗଲା ଜୁନ୍ ମାସୁ ଗଲା ମାସ୍‌ତକ୍ ୧୮ ଟା 'ସେତୁ ସହ ବନ୍ଧରା' ପ୍ରକଳ୍ପ ନିର୍ମାଣ ଶେଷ୍ ହେଇଥିବାର୍ ବେଲେ ଆଉ ୭୧ ଟା ପ୍ରକଳ୍ପକେ ଅନୁମୋଦନ୍

ମିଲିଛେ । ଇ ପ୍ରକଳ୍ପ ମାନ୍‌କର୍ ଜରିଏ ଗାଁଗଅଁଲିକେ ଯୋଗାଯୋଗ୍ ବ୍ୟବସ୍ଥା ବର୍‌କସ୍ ହେବାର୍ ସହେତେ ସେନର୍ ଜଳସ୍ତର୍ ବଢ଼ିକରି ଗ୍ରାମୀଣ ଅର୍ଥନୀତି ଆଉ ଲୁକ୍‌କର୍ ଜୀବନ୍ ଜିବ୍‌କାଥି ଉନ୍ନତି ହେବାର୍ ସୁଯୋଗ୍ ସୃଷ୍ଟି ହେଇପାରୁଛେ ।

ବିଶ୍ୱ ଏଡ଼୍‌ସ୍ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ ଏଡ଼୍‌ସ୍ ଦିବସ୍ । ଏଚ୍‌ଆଇଭିର ପ୍ରଭାବ୍ ବାବ୍‌ଦେ ସଚେତନତା, ଏଡ୍‌ସ ରୋଗୀମାନ୍‌କର ପ୍ରତି ରହିଥିବା ଘୃଣା ଆଉ ଭେଦଭାବ୍‌କେ ଦୂର୍ କର୍‌ବାର ଲାଗି ଆଉ ସଂକ୍ରମିତ ରୋଗୀଙ୍କର୍ ଜୀବନ୍‌ଶୈଲିଥି ଉନ୍ନତି ଆନ୍‌ବାରଟା ଇ ଦିବସ୍‌ର ଲକ୍ଷ୍ୟ ଆଏ । ମିଲିତ୍ ଜାତିସଂଘର ଡାକ୍‌ରାଥି ୧୯୮୮ ମସିହାନୁ ଆଝିର୍ ଦିନ୍‌କେ ବିଶ୍ୱ ଏଡ଼୍‌ସ୍ ଦିବସ୍ ଭାବେ ପାଲନ୍ କରାଯାଇଆସୁଛେ । ଇ ବଛ୍‌ରର୍ ଏଡ଼୍‌ସ୍ ଦିବସ୍‌ର ବାର୍ତା ହେଉଛେ 'ସାମୂହିକ କାର୍ଯ୍ୟ:ଏଚ୍‌ଆଇଭି ପ୍ରଗତିକୁ ସ୍ଥାୟୀ ଏବଂ ତ୍ୱରାନ୍ୱିତ କରନ୍ତୁ' ।

କୋଣାର୍କ ଉତ୍ସବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କୋଣାର୍କ ଠାନେ ମୁକ୍ତାକାଶ୍ ରଙ୍ଗମଂଚ ନ ଆଏଜ୍ଠାନୁ କୋଣାର୍କ ଉତ୍ସବ୍ ମୁଲ୍ ହେଉଛେ । ଇଟା ଆଏବା ୫ ତାରିଖ୍‌ତକ୍ ଚାଲ୍‌ବା । ୫ ଦିନ୍ ଧରିକରି ହେବାର୍‌କେ ଥିବା ଇ ସାଂସ୍କୃତିକ୍ ସନ୍ଧ୍ୟାଥି ଓଡ଼ିଶୀ, କଥକ୍, ମଣିପୁରୀ, ମହିନୀୟାଟ୍ଟମ୍, କୁଚିପୁଡ଼ି, ଭାରତ୍‌ନାଟ୍ୟମ୍ ବାଗିର୍ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମ୍ ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍, ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜିତ୍ ହେବା ।

ସ୍ୱନିଧିନୁ ସମୃଦ୍ଧି ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ବିଜ୍ଞପିତ ଅଂଚଲ୍ ପରିଷଦ୍ କାର୍ଯ୍ୟାଲୟ ନ ସ୍ୱନିଧିନୁ ସମୃଦ୍ଧି ସପ୍ତାହ ପାଲିତ୍ ହେଇଯାଇଛେ । ଇଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାର୍ ଲାଭ୍ ପାଇଥିବା ହିତାଧିକାରୀମାନେ ସେମାନ୍‌କର୍ ସଫଲତା ବାବ୍‌ଦେ କହିଥିଲେ । ଇ ଅବ୍‌ସରେ ବିଜ୍ଞପିତ ଅଂଚଲ୍ ପରିଷଦ୍‌ନୁ ୩ ଶହ ୮୪ ଜନ୍ ହିତାଧିକାରୀଙ୍କୁ ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।